## ସଂକ୍ଷେପରେ

### ଅବକାରୀ ଚଢ଼ାଉ, ଜଣେ ଗିରଫ



ବଇଣ୍ଡା,୧୧।୭(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଶରଧାମୁଣ୍ଡା ଗ୍ରାମରେ ରବିବାର ରାତିରେ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଅରୁଣ ପ୍ରଧାନଙ୍କ ଘରୁ ୩୫ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ତାଙ୍କୁ ଗିରଫ କରାଯାଇଛି। ସେ ଚୋରା ମଦ ବିକ୍ରି କରିବା ପାଇଁ ରଖିଥିବା ଖବରପାଇ ବଇଣ୍ଡା ଅବକାରୀ ବିଭାଗ ଅଧିକାରୀ ବଲବୀର ଗଡ଼ନାୟକ ଚଢ଼ାଉ କରି ମଦ ଜବତ କରିବା ସହ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲେ।

### ନିର୍ମଳ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି



କଣିହାଁ,୧୧।୭(ଡି.ଏନ.ଏ.): ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ କଣିହାଁ ବ୍ଲକ ପ୍ରତିନିଧି ଭାବେ ସୋମବାର ନିର୍ମଳ ସାହୁ ମନୋନୀତ ହୋଇଛନ୍ତି। ଏ ନେଇ କଣିହାଁ ବ୍ଲକ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ନୂଆ ନିଯୁକ୍ତି ସମ୍ପର୍କରେ ନିର୍ମଳ କହିଛନ୍ତି, ଉନ୍ନୟନ କାର୍ଯ୍ୟ ସହିତ ଜନସାଧାରଣଙ୍କ ମୌଳିକ ଅଧିକାର ସାବ୍ୟସ୍ତ ଦିଗରେ କାର୍ଯ୍ୟ କରିବି।

# ସରକାରୀ ଖାତାକୁ ଫେରିବ ହଜାରେ ଏକର



ଅନୁଗୋଳ ସହରରେ ଏକ ଜବରଦଖଲ ଜାଗାକୁ ତହସିଲଦାର ବିମଳ କୁମାର ଲେଙ୍କା ଓ କର୍ମଚାରୀମାନେ ଯାଞ୍ଚ କରୁଛନ୍ତି।

ଅନୁଗୋଳ ଅଫିସ,୧୧।୭

- ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଜିଲା ପ୍ରଶାସନର ନିର୍ଦ୍ଦେଶ
- ୧୫ ତାରିଖ ସୁଦ୍ଧା କାର୍ଯ୍ୟରେ ପରିଣତ ନ କଲେ କାର୍ଯ୍ୟାନୁଷ୍ଠାନ
- ଜମି ମାଫିଆ, ଜବରଦଖଲକାରୀଙ୍କ ମଧ୍ୟରେ ଛନକା

ସରକାରୀ ଜମିକୁ ପୈତୃକ ସମ୍ପତ୍ତି ଭଳି ବ୍ୟବହାର କରାଯାଉଛି। କେଉଁଠି ବହୁତଳ କୋଠା ତ ଆଉ କେଉଁଠି ବ୍ୟବସାୟିକ ପ୍ରତିଷ୍ଠାନ ଗଢ଼ାଯାଇ ଭଡ଼ାରେ ଦିଆଯାଉଛି। ଅନେକ ସ୍ଥାନରେ ପ୍ଲଟିଂ କରି ବିକ୍ରି ମଧ୍ୟ କରାଯାଉଛି। ଶିଳ୍ପ ସମୃଦ୍ଧ ଅନୁଗୋଳ ଜିଲାର ମୂଲ୍ୟବାନ ସରକାରୀ ଜମି ମଧ୍ୟରୁ କିଛି ଅଂଶକୁ ଏପରି ଭାବେ ଜବରଦଖଲ କରି ଲକ୍ଷ ଲକ୍ଷ ଟଙ୍କାର ଲାଭ କମାଉଛନ୍ତି ଜମି ମାଫିଆ ଓ ଜବରଦଖଲକାରୀ। ବହୁ ପ୍ରଭାବଶାଳୀ ବ୍ୟକ୍ତି ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଏହାଦ୍ୱାରା ସରକାରଙ୍କ ରାଜସ୍ୱ କ୍ଷତି ହେଉଥିବାରୁ ଏବେ ଜିଲା ପ୍ରଶାସନ ଏ ଦିଗରେ କଠୋର ପଦକ୍ଷେପ ନେବା ଆରମ୍ଭ କରିଛି। ଆସନ୍ତା ୧୫ ତାରିଖ ସୁଦ୍ଧା ଜବରଦଖଲକାରୀଙ୍କ ଅକ୍ତିଆରରେ ଥିବା ଜମିରୁ ହଜାରେ ଏକର ସରକାରୀ ଖାତାକୁ ଫେରାଇ ଆଣିବାକୁ ଜିଲା ପ୍ରଶାସନ ରାଜସ୍ୱ ନିରୀକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଛି। ଏ ନେଇ ଅନୁଗୋଳ ପୌରାଞ୍ଚଳଠାରୁ ଆରମ୍ଭ କରି ବିଭିନ୍ନ ବ୍ଲକ ଅଞ୍ଚଳରେ ଜମି ମାପଚୁପ ଆରମ୍ଭ ହୋଇଥିବାରୁ ଜବରଦଖଲକାରୀଙ୍କ ମଧ୍ୟରେ ଛନକା ପଶିଯାଇଛି।

ଅନୁଗୋଳ ଜିଲାରେ ଥିବା ୮ଟି ତହସିଲ ଅଧୀନରେ ୭୬ଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ରହିଛି। ସେହିପରି ୨ଟି ପୌରାଞ୍ଚଳ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଛି। ଜିଲାରେ ଖଣି ଖାଦାନ ଭରି ରହିଥିବାରୁ ଏଠାରେ ଜମିର ଚାହିଦା ଓ ମୂଲ୍ୟ ଆକାଶଛୁଆଁ। ଆର୍ଥିକ ଦୃଷ୍ଟିରୁ ଅନୁଗୋଳ ଅଧିକ ସମୃଦ୍ଧ। ଜିଲା ଖଣିଜ ପାଣ୍ଠି ଓ ଶିଳ୍ପଗୁଡ଼ିକ ପକ୍ଷରୁ ପାରିପାର୍ଶ୍ୱିକ ଉନ୍ନୟନ ଯୋଜନାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରାଯାଉଛି। ଏହାଛଡ଼ା ସହରଗୁଡ଼ିକର ସମ୍ପ୍ରସାରଣ ହେଉଥିବାରୁ ଏହା ବାହାର ଲୋକଙ୍କୁ ଆକର୍ଷିତ କରୁଛି। ଏଥିସହ ରାଜ୍ୟ ବାହାରର ହଜାର ହଜାର ଲୋକ ଏଠାକାର ବିଭିନ୍ନ ଶିଳ୍ପସଂସ୍ଥାରେ କାମ କରୁଥିବାରୁ ସେମାନେ ଅନୁଗୋଳର ସ୍ଥାୟୀ ବାସିନ୍ଦା ହେବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଗାଁର ଯୁବତୀ ଯୁବକମାନେ ମଧ୍ୟ ରୋଜଗାର ଆଶାରେ ସହରମୁହାଁ ହେଉଛନ୍ତି। ତେଣୁ ସହର ଓ ଏହାର ଉପକଣ୍ଠ ଅଞ୍ଚଳରେ ଥିବା ସରକାରୀ ଜମି ଦିନକୁ ଦିନ ଜବରଦଖଲକାରୀଙ୍କ କବ୍‌ଜାକୁ ଚାଲିଯାଉଛି। ଜମି ମାଫିଆ, ପ୍ରଭାବଶାଳୀ ବ୍ୟକ୍ତିମାନେ ସରକାରୀ ଜମିକୁ ଅକ୍ତିଆର କରି ବାହାର ଲୋକଙ୍କୁ ଚଢ଼ା ଦରରେ ବିକ୍ରି କରୁଛନ୍ତି। ଘର ନିର୍ମାଣ କରି ଭଡ଼ା ଲଗାଉଛନ୍ତି। ବ୍ୟବସାୟ ପ୍ରତିଷ୍ଠାନ ଖୋଲି ନିଜ ସାମ୍ରାଜ୍ୟ ବିସ୍ତାର ସହ ପ୍ରଭାବଶାଳୀ ବୋଲାଉଛନ୍ତି। ଏମାନଙ୍କ ମଧ୍ୟରୁ କେତେଜଣ ବସ୍ତିବାସିନ୍ଦାଙ୍କ ଭୋଟକୁ ନିୟନ୍ତ୍ରଣ କରୁଥିବାରୁ ରାଜନେତାମାନଙ୍କ ଛତ୍ରଛାୟା ତଳେ ରହି ଅଧିକରୁ ଅଧିକ ସରକାରୀ ଜମିକୁ କବ୍‌ଜା କରିବାରେ ଲାଗିଛନ୍ତି। ତେବେ ବିଳମ୍ବରେ ହେଲେ ବି ଜିଲା ପ୍ରଶାସନର କାର୍ଯ୍ୟାନୁଷ୍ଠାନ ନଜର ଏବେ ଜବରଦଖଲକାରୀଙ୍କ ଉପରେ ପଡ଼ିଛି। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏହାକୁ ଗମ୍ଭୀରତାର ସହ ନେଇ ଆସନ୍ତା ୧୫ ତାରିଖ ମଧ୍ୟରେ ୧୦୦୦ ଏକର ଜବରଦଖଲ ଜମି ସରକାରୀ ଖାତାକୁ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କି କେବଳ ଅନୁଗୋଳ ସହରରେ ୧୦୦ ଏକର ଜମି ପ୍ରଥମେ ଜବରଦଖଲମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଇତିମଧ୍ୟରେ ଜମି ମାପଚୁପ ମଧ୍ୟ ଆରମ୍ଭ ହୋଇଯାଇଛି। ଅନୁଗୋଳ ସହରରେ ୫୦ ଏକର ଓ ବ୍ଲକ ଅଞ୍ଚଳଗୁଡ଼ିକରେ ୨୦ରୁ ୩୦ ଏକର ଲେଖାଏ ସରକାରୀ ଜମି ଜବରଦଖଲ ମୁକ୍ତ କରିବାକୁ ଚିହ୍ନଟ ହୋଇସାରିଥିବା ସୂଚନା ମିଳିଛି। ତେବେ ହଠାତ୍ ଜିଲା ପ୍ରଶାସନର ଏପରି କାର୍ଯ୍ୟାନୁଷ୍ଠାନ ଜମି ମାଫିଆମାନଙ୍କୁ ଚିନ୍ତାରେ ପକାଇ ଦେଇଛି। କେତେଜଣ ଛାନିଆଁରେ ଜବରଦଖଲରୁ ହଟିଯାଇଥିବା ବେଳେ ଆଉ କେତେଜଣଙ୍କୁ ହଟାଇବାକୁ ତହସିଲ ଓ ରାଜସ୍ୱ ନିରୀକ୍ଷକମାନେ ଉଦ୍ୟମ ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

### ଟାର୍ଗେଟ ପୂରଣ ନ ହେଲେ କାର୍ଯ୍ୟାନୁଷ୍ଠାନ



“ଜିଲାର ବିଭିନ୍ନ ଅଞ୍ଚଳରେ ଜବରଦଖଲରେ ସରକାରୀ ଜମି ରହିଛି। ତାହାକୁ ସରକାରୀ ଖାତାକୁ ଫେରାଇ ଆଣିବାକୁ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କୁ ଟାର୍ଗେଟ ଦିଆଯାଇଛି। ଯେଉଁମାନେ ଜବରଦଖଲ କରିଥିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ଏଥିସହ ଟାର୍ଗେଟ ଦେଇ ନ ପାରିଲେ ରାଜସ୍ୱ ନିରୀକ୍ଷକମାନଙ୍କ ବିରୋଧରେ ମଧ୍ୟ ପଦକ୍ଷେପ ନିଆଯିବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ ଗ୍ରହଣୀୟ ନୁହେଁ



“ଅନୁଗୋଳ ପୌରାଞ୍ଚଳରେ ବସ୍ତି ବାସିନ୍ଦାଙ୍କ ପାଇଁ ସରକାର ଜମି ପଟ୍ଟା ପ୍ରଦାନ କରୁଛନ୍ତି। କିନ୍ତୁ ପ୍ରଶାସନ ସେମାନଙ୍କୁ ବାସହରା କରିଦେଉଛି। ଯେଉଁଠି ଆବଶ୍ୟକ ସେଠି ଉଚ୍ଛେଦ କରାଯାଉ। କିନ୍ତୁ ସବୁଆଡେ ଯେପରି ଉଚ୍ଛେଦ ହେଉଛି ତାହା ଗ୍ରହଣୀୟ ନୁହେଁ। ମାଫିଆଙ୍କ କବଳରୁ ସରକାରୀ ଜାଗା ଫେରାଇ ଆଣିବାରେ କୌଣସି ଅସୁବିଧା ନାହିଁ।

-ଅକ୍ଷୟ କୁମାର ସାମନ୍ତ, ନଗରପାଳ, ଅନୁଗୋଳ ପୌରପାଳିକା

### ପ୍ରଶାସନର ପଦକ୍ଷେପ ସ୍ୱାଗତଯୋଗ୍ୟ



“ସରକାରୀ ଜାଗା ଚିହ୍ନଟ କରି ତାହାକୁ ଜବରଦଖଲମୁକ୍ତ କରିବା ପାଇଁ ପ୍ରଶାସନ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ କରିଛି ତାହା ସ୍ୱାଗତଯୋଗ୍ୟ। କାରଣ ସରକାରୀ ଯୋଜନାରେ ଉନ୍ନୟନ କାର୍ଯ୍ୟ ପାଇଁ ଅନେକ ସମୟରେ ଉପଯୁକ୍ତ ଜମିର ଅଭାବ ପରିଲକ୍ଷିତ ହେଉଛି। ଦଲାଲମାନଙ୍କ ଦ୍ୱାରା ସରକାରୀ ଜମିର କିଣାବିକା ମଧ୍ୟ ବଢ଼ିଯାଇଛି।

-ଭୂପେଶ ପ୍ରଧାନ, ବୁଦ୍ଧିଜୀବୀ, ଅନୁଗୋଳ

# ‘ସମାଜସେବା କ୍ଷେତ୍ରକୁ ଅଧିକ ବିସ୍ତାରିତ କର’

ଅନୁଗୋଳ ଅଫିସ,୧୧।୭

ରୋଟାରି କ୍ଲବ ଅନୁଗୋଳ ରୟାଲର ଅଧିଷ୍ଠାନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସଭାପତି ଅଶୋକ ମାଣ୍ଡୋଠିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୁଜିତ କୁମାର, ସମ୍ମାନିତ ଅତିଥି ଭାବେ ଯଜ୍ଞାଶିଷ ମହାପାତ୍ର, ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ସମାଜସେବା କ୍ଷେତ୍ରକୁ ଅଧିକ ବିସ୍ତାରିତ କରିବା ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ସଭାପତି ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ଅମ୍ବିକା ପ୍ରସାଦ ସାହୁ ବିଗତ ବର୍ଷରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ୨୦୨୨–୨୩ ବର୍ଷ ପାଇଁ ହରଗୋବିନ୍ଦ ମହାପାତ୍ର ସଭାପତି ଏବଂ ଜୟ ପ୍ରକାଶ ମୋଦି ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ସମସ୍ତେ ମିଳିମିଶି ସାମାଜିକ କ୍ଷେତ୍ରରେ ଆଗକୁ ଆହୁରି ଉନ୍ନତିମୂଳକ ପ୍ରକଳ୍ପ ଗ୍ରହଣ କରି କ୍ଲବର ନାମକୁ ଆଗକୁ ନେବାପାଇଁ ନୂଆ ସଭାପତି ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସମ୍ପାଦକ ଜୟ ପ୍ରକାଶ ମୋଦି ଆଗାମୀ ବର୍ଷରେ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟକ୍ରମ ଉପସ୍ଥାପନ କରିଥିଲେ। ନିର୍ଦ୍ଦେଶକ ମଣ୍ଡଳୀ ପାଇଁ ଡାକ୍ତର ବିଶ୍ୱଜିତ ସାମଲ, ପଦ୍ମା ଅଗ୍ରୱାଲ, ଡାକ୍ତର ସୌମ୍ୟକାନ୍ତ ବିଶୋଇ, ପ୍ରକାଶ ଅଗ୍ରୱାଲ, ମେହମୁଦ ହୁସେନ, ଡାକ୍ତର ମାଇକେଲ ଜନ, ଅନିଲ ଗୁପ୍ତା, କନ୍ହେୟା ଚୌଧୁରୀ, କୈଳାସ ଅଗ୍ରୱାଲ, ରାଜେଶ ସରଳିଆ, ବିକାଶ ମୋଦି ପ୍ରମୁଖ ମନୋନୀତ ହୋଇଛନ୍ତି। ମଧୁ ଗୁପ୍ତା, ତନଭି ସରଳିଆଏବଂ ଖୁସି ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡାକ୍ତର ପ୍ରଭାତ କୁମାର ପଣ୍ଡା, ଡ. ବିଛନ୍ଦ ଚରଣ ପ୍ରଧାନ, ନାରାୟଣ ରଥ, ବିଶ୍ୱଜିତ ପଟ୍ଟନାୟକ, ମୁରାରୀ ଲାଲ ଅଗ୍ରୱାଲ, ଡାକ୍ତର ଦେବାଶିଷ ପ୍ରଧାନ, ଉର୍ମିଳା ଅଗ୍ରୱାଲ, ସଂଘମିତ୍ରା ପାଢ଼ୀ, ପବନ ଅଗ୍ରୱାଲ, ସରିତା ସାହୁ, ମମତା ଲୋଧା, କିରଣ ଅଗ୍ରୱାଲ, ମିଳନ କୁମାର ଅଗ୍ରୱାଲ, ଡାକ୍ତର ଶଶାଙ୍କ ଶେଖର ସାହୁ, ସମିଜା ପଟ୍ଟନାୟକ, ଆକର୍ଷଣ ସିହ୍ନା ପରିଚାଳନାରେ ସହଯୋଗ କରିଥିଲେ। ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କ୍ଲବ ତରଫରୁ ସୁଧାଂଶୁ ଶେଖର ଦାସ ଏବଂ ଶୈଳବାଳା ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ କ୍ଲବର ପତ୍ରିକା ଦି ରୟାଲ ଭିଜନ ଉନ୍ମୋଚିତ କରାଯାଇଥିଲା। ଡାକ୍ତର ମାଇକେଲ ଜନ ଧନ୍ୟବାଦ ଅର୍ପଣ କରିଥିଲେ।



ଅଧିଷ୍ଠାନ ଉତ୍ସବରେ ମଞ୍ଚାସୀନ ଅତିଥି ଓ କର୍ମକର୍ତ୍ତାମାନେ।

# ବିଭିନ୍ନ ଦାବିରେ ସିପିସି ସମ୍ମୁଖରେ ଆନ୍ଦୋଳନ

ବଆଁରପାଳ,୧୧।୭(ଡି.ଏନ.ଏ)

ବିଭିନ୍ନ ଦାବିରେ ନାଲ୍‌କୋ ପାରିପାର୍ଶ୍ୱିକ ଗ୍ରାମର ବେକାର ଯୁବତୀଯୁବକ ଓ ନାଲ୍‌କୋ ପ୍ରାୟୋଜିତ ଆଇ.ଟି.ଆଇ (ଏଲ୍.ଏ.ପି)ର ୧୯୮ ସଭ୍ୟାସଭ୍ୟା ସୋମବାର ସିପିପି କାରଖାନାର ମାନବ ସମ୍ବଳ କାର୍ଯ୍ୟାଳୟଠାରେ ଆନ୍ଦୋଳନ କରିଥିଲେ। ପ୍ରଥମେ ଆନ୍ଦୋଳନକାରୀମାନେ ଶୋଭାଯାତ୍ରାରେ ଆସି କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ପରେ ନାଲ୍‌କୋ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ରାଜ୍ୟ ଗୃହନିର୍ମାଣ ନିଗମ ଅଧ୍ୟକ୍ଷ ମୀନକେତନ ଅମାନ୍ତ ଆନ୍ଦୋଳନକୁ ସମର୍ଥନ କରି ଧାରଣାସ୍ଥଳରେ ବସିଥିଲେ। ନାଲ୍‌କୋରେ ପାରିପାର୍ଶ୍ୱିକ ଜମିହରା ଯୁବତୀଯୁବକଙ୍କୁ ନିଯୁକ୍ତି, ଏଲ୍‌ଏପି ଆଇଟିଆଇର ୧୯୮ ସଭ୍ୟସଭ୍ୟାଙ୍କୁ ତୁରନ୍ତ ସ୍ଥାୟୀ ନିଯୁକ୍ତି, ପାରିପାର୍ଶ୍ୱିକ ଗ୍ରାମଗୁଡିକର ଉନ୍ନତି ପାଇଁ ପଦକ୍ଷେପ ନେବା ଆଦି ଦାବି ନେଇ ଏହି ଆନ୍ଦୋଳନ କରାଯାଇଥିଲା। ଦାବି ପୂରଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଥିଲେ। ଜୁଲାଇ ପରେ ଆନ୍ଦୋଳନ ସହ ଅର୍ଥନୈତିକ ଅବରୋଧ କରାଯିବ ବୋଲି ଏମ୍‌ପି ମହେଶ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଲଏପି./ଆଇ.ଟି.ଆଇ. କ୍ଷତିଗ୍ରସ୍ତ ପ୍ରଜା ସଭାପତି ଦିବ୍ୟରଞ୍ଜନ ଦାସ, ସମ୍ପାଦକ ଶଶାଙ୍କ ଶେଖର ସାମଲ, କର୍ଣ୍ଣପୁର ସରପଞ୍ଚ ପାର୍ଥ ପ୍ରଧାନ, ଦୁଷ୍ମନ୍ତ ଗଡ଼ନାୟକ, ନରେଶଚନ୍ଦ୍ର ବେହେରା, ପୂର୍ଣ୍ଣ ରାଉତ, ଦିନେଶ ପ୍ରଧାନ, ଭକ୍ତିପ୍ରସାଦ ଦାସ, ପାରିପାର୍ଶ୍ୱିକ ଗ୍ରାମଗୁଡିକର ବହୁ ପୂର୍ବତନ ସରପଞ୍ଚ, ସମିତି ସଭ୍ୟ, ନବନିର୍ବାଚିତ ସରପଞ୍ଚ ଉପସ୍ଥିତ ଥିଲେ।



ଆନ୍ଦୋଳନକାରୀମାନେ ଧାରଣାରେ ବସିଛନ୍ତି।

# ୨୪ ତାରିଖ ଯାଏ ବୁଲିବ ସଚେତନତା ରଥ

ଅନୁଗୋଳ ଅଫିସ,୧୧।୭

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ସୋମବାର ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶ୍ୱ ଜନ ସଂଖ୍ୟାରେ ସ୍ଥିରତା ଆଣିବା ଉଦ୍ଦେଶ୍ୟରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ପରିବାର ନିୟୋଜନ ସମ୍ପର୍କରେ ସଚେତନ କରିବା ପାଇଁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ୨୦୧୧ ମସିହାରେ ପୃଥିବୀର ଜନସଂଖ୍ୟା ୭ ବିଲିୟନ ଛୁଇଁଥିବାବେଳେ ଚଳିତ ବର୍ଷ ଏହା ୮ ବିଲିୟନରେ ପହଞ୍ଚିଛି। ତେଣୁ ଜନସଂଖ୍ୟାରେ ସ୍ଥିରତା ଆଣିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥକୁ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଶୁଭାରମ୍ଭ କରିବା ସହ ପରିବାର ନିୟୋଜନର ବିଭିନ୍ନ ପଦ୍ଧତି ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ଆରମ୍ଭ କରି ଉପସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପଲବ୍ଧ ହେବ ବୋଲି କହିଥିଲେ। ଏହି ରଥ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ପରିବାର ନିୟୋଜନକୁ ଆପଣେଇବା ପାଇଁ ବୁଝାଇବ ବୋଲି ଡା. ପ୍ରଧାନ ପ୍ରକାଶ କରିଥିଲେ। ଏହି ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଦିଲୀପ ପଟ୍ଟନାୟକଙ୍କ ସମେତ ସମସ୍ତ ପାରାମେଡିକାଲ, ଆଶା ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ।




ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

### ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

# ‘ପରିବାର ନିୟୋଜନ ପାଇଁ ପ୍ରୋତ୍ସାହିତ କର’

ତାଳଚେର,୧୧।୭(ନି.ପ୍ର.)

ତାଳଚେର ବ୍ଲକ କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ଡାକ୍ତର ଭାଗ୍ୟଲକ୍ଷ୍ମୀ ଷଡଙ୍ଗୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ସାମିଲ ହୋଇଥିଲେ। ଏହି ଅବସରରେ ଡା. ଷଡଙ୍ଗୀ ବିଶ୍ୱ ଜନସଂଖ୍ୟା ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ସରକାରୀସ୍ତରରେ ଜନସଂଖ୍ୟା ନିୟନ୍ତ୍ରଣ ନିମନ୍ତେ ବିଭିନ୍ନ ଉପାୟ ଓ ସୁବିଧା ଉପରେ ସବିଶେଷ ଆଲୋକପାତ କରିଥିଲେ। ପରିବାର ନିୟୋଜନ ନିମନ୍ତେ ବିଭିନ୍ନ ପଦ୍ଧତି ଆପଣାଇବାକୁ ଜନସାଧାରଣଙ୍କୁ ପ୍ରୋତ୍ସାହିତ କରିବାକୁ ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କଳମଛୁଇଁ ଗ୍ରାମରେ ଏକ ଜନସଚେତନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ କଳମଛୁଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଏଏନ୍‌ଏମ୍ ସ୍ୱର୍ଣ୍ଣଲତା ଭୋଇ, ପ୍ରତିମା ସାହୁଙ୍କ ସମେତ ସମସ୍ତ ଆଶାକର୍ମୀ ସହଯୋଗ କରିଥିଲେ।




ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

# ରତ୍ନବେଦିକୁ ଗଲେ ମହାବାହୁ

ଅନୁଗୋଳ ଅଫିସ/ ଆଠମଲ୍ଲିକ,୧୧।୭

ଅନୁଗୋଳରେ ଶେଷ ହୋଇଛି ଶ୍ରୀଜୀଉମାନଙ୍କ ଘୋଷଯାତ୍ରା। ନବଦିନାତ୍ମକ ଲୀଳାଖେଳା ସାରି ରତ୍ନବେଦିକୁ ବାହୁଡ଼ି ଯାଇଛନ୍ତି ମହାବାହୁ। ପରମ୍ପରା ଅନୁଯାୟୀ ସୋମବାର ଅପରାହ୍ନରେ ଶ୍ରୀଜୀଉଙ୍କ ନିକଟରେ ଅଧରପଣା ଲାଗି କରାଯିବା ସହ ରଥ ଉପରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥାରୂଢ଼ ବଡଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଗୋଟି ପହଣ୍ଡିରେ ସନ୍ଧ୍ୟା ୭ଟାରେ ମନ୍ଦିର ଭିତରକୁ ନିଆଯାଇଥିଲା। ଏହାପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ସାଢ଼େ ୭ଟାରେ ଗୋଟି ପହଣ୍ଡିରେ ନିଆଯାଇଥିଲା। ଘଣ୍ଟ, ଘଣ୍ଟା, ମର୍ଦ୍ଦଳ ଓ ଶଙ୍ଖ ବାଦ୍ୟ ମଧ୍ୟରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଏହି ଅବସରରେ ପରମ୍ପରା ଅନୁଯାୟୀ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ମା'ଙ୍କୁ କଳାପାଟ ପ୍ରଦାନ ସହ ରସଗୋଲା ଖୁଆଇ ଠାକୁର ରାଗ ଶାନ୍ତ କରିଥିଲେ। ଏହାପରେ ବିଭିନ୍ନ ରୀତିନୀତି କରାଯାଇ ଶ୍ରୀଜୀଉଙ୍କ ରତ୍ନ ସିଂହାସନରେ ରାତି ପ୍ରାୟ ୧୦ଟାରେ ବିଜେ କରାଯାଇଥିବା ମନ୍ଦିର ପରିଚାଳନା କମିଟି ସମ୍ପାଦକ ହେମନ୍ତ କୁମାର ଦାସ ସୂଚନା ଦେଇଛନ୍ତି। ଏହି ନୀଳାଦ୍ରି ବିଜେ ଦେଖିବାକୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଶାନ୍ତି ଶୃଙ୍ଖଳାର ସହ ଘୋଷଯାତ୍ରା ସମ୍ପନ୍ନ ହୋଇଥିବାରୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଯାଇଛି। ସେହିପରି ଆଠମଲ୍ଲିକ ଶ୍ରୀଜଗନ୍ନାଥ ମନ୍ଦିରରେ ପୂର୍ବାହ୍ନ ୧୧ଟାରେ ଠାକୁରଙ୍କ ନୀଳାଦ୍ରିବିଜେ ନୀତି ଅନୁଷ୍ଠିତ ହୋଇଥିଲା। ପୂର୍ବ ପ୍ରସ୍ତୁତି ଅନୁଯାୟୀ ସକାଳ ୯ ଟାରେ ପୂଜକ ଚିତ୍ତରଞ୍ଜନ ପାଣିଗ୍ରାହୀ, ସରକାରୀ ପୁରୋହିତ ପ୍ରଫୁଲ୍ଲ ପାଣିଗ୍ରାହୀ ରଥ ଉପରେ ପୂଜା ନୀତି ଆରମ୍ଭ କରିଥିଲେ। ଉପଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ କୁଳମଣି ଦଳେଇ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପହଣ୍ଡିଆମାନଙ୍କ ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତି ପହଣ୍ଡିରେ ମନ୍ଦିରକୁ ପ୍ରବେଶ କରିଥିଲେ। ଦୁଆର ମୁହଁରେ ଲକ୍ଷ୍ମୀ ନାରାୟଣଙ୍କ ଭେଟ ଅନୁଷ୍ଠିତ ହୋଇଥିଲା। ଶେଷରେ ରସଗୋଲା ଦେଇ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ କରି ଠାକୁର ନୀଳାଦ୍ରିବିଜେ କରିଥିଲେ। ରଥଯାତ୍ରା ଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳାରେ ସମାପନ ହୋଇଥିବାରୁ ସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି।

### ଶେଷ ହେଲା ନବଦିନାତ୍ମକ ଲୀଳାଖେଳା



ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଠାକୁରଙ୍କ ନୀଳାଦ୍ରି ବିଜେ ନୀତି ଚାଲିଛି।



ଆଠମଲ୍ଲିକରେ ରତ୍ନ ସିଂହାସନରେ ଶ୍ରୀଜୀଉ।

## ସଂକ୍ଷେପରେ

### କାଜୁ ବଗିଚାରୁ ନବଜାତ ଶିଶୁକନ୍ୟା ଉଦ୍ଧାର



ପାଟଣା,୧୧।୭(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ଥାନା କୁଣ୍ଡଳା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା କାଜୁ ବଗିଚାରୁ ସୋମବାର ସକାଳୁ ଜଣେ ନବଜାତକ ଶିଶୁକନ୍ୟା ଉଦ୍ଧାର ହୋଇଛି। କେହି କାଜୁ ଗଛମୂଳେ ଏକ ଜରି ବ୍ୟାଗ ଉପରେ ଶିଶୁଟିକୁ ଛାଡି ଚାଲି ଯାଇଥିବା ଜଣାପଡ଼ିଛି। ଶିଶୁକନ୍ୟା ନାଭି ଶୁଖିଥିବା ବେଳେ ଶିଶୁଟି ୫/୬ଦିନର ହେବ ବୋଲି ଚିକିତ୍ସା କରିଥିବା ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ କହିଛନ୍ତି। ଏବେ ସେ ସୁସ୍ଥ ଥିବା ଡାକ୍ତର ସୂଚନା ଦେଇଛନ୍ତି। ପ୍ରକାଶ ଯେ, କେତେକ ଲୋକେ ଶିଶୁ କାନ୍ଦିବା ଶୁଣି ସ୍ଥାନୀୟ ସରପଞ୍ଚ ଶତ୍ରୁଘନ ନାଏକ ଓ ଆଶାକର୍ମୀ ଡାଲିମ୍ବ ମହାନ୍ତଙ୍କୁ ଖବର ଦେଇଥିଲେ। ସରପଞ୍ଚ ସ୍ଥାନୀୟ ପୋଲିସକୁ ଖବର ଦେବାପରେ ପାଟଣା ପୋଲିସ ପହଞ୍ଚି ଶିଶୁକନ୍ୟାକୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। କେନ୍ଦୁଝର ଚାଇଲ୍ଡଲାଇନ ପକ୍ଷରୁ କାଉନସିଲର ଶୁଭ ରେଖା ସାହୁ ଓ ଟିମ୍ ମେମ୍ବର ସୁଜାତା ଦେହୁରୀ ପାଟଣା ଥାନାରେ ଏକ ଷ୍ଟେଶନ ଡାଏରୀ କରିବା ପରେ ଉକ୍ତ ଶିଶୁକନ୍ୟାକୁ ଜିଲା ଚିକିତ୍ସାଳୟରେ ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିଛନ୍ତି।

### କାର୍ଯ୍ୟରେ ଯୋଗ ଦେଲେ ନିର୍ବାହୀ ଅଧିକାରୀ

ଚମ୍ପୁଆ, ୧୧।୭(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିରେ ନୂତନ ନିର୍ବାହୀ ଅଧିକାରୀ



ଭାବେ ସୁଜିତ୍ କୁମାର ଚୌଧୁରୀ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହାଙ୍କର ରେମୁଣା ବଦଳି ପରେ ସେ ଆନୁଷ୍ଠାନିକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଚମ୍ପୁଆ ଏନ୍‌ଏସିରେ ଅନେକ ମୌଳିକ ସମସ୍ୟା ଲାଗି ରହିଛି। ସପ୍ତମ ନିର୍ବାହୀ ଅଧିକାରୀ ଭାବେ ଚୌଧୁରୀ ଟିମ୍ ୱାର୍କ ମାଧମରେ ସମାଧାନକୁ ପ୍ରାଥମିକତା ଦେବେ ବୋଲି ସୂଚନା ଦେଇଛନ୍ତି।

### ଅସରାଏ ବର୍ଷାରେ ଘରେ ପଶୁଛି ଡ୍ରେନ୍ ପାଣି

ଚମ୍ପୁଆ, ୧୧।୭(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିରେ ୬ ନଂ ୱାର୍ଡରେ ଅସରାଏ ବର୍ଷା ହେଲେ ସ୍ଥାନୀୟ ବାସୀନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଅଞ୍ଚଳରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ବର୍ଷା ହେଲେ ଡ୍ରେନ୍ ପାଣି ଘର ଭିତରକୁ ପଶିଯାଉଛି। ଏନେଇ ସ୍ଥାନୀୟ ବାସିନ୍ଦା ଏନ୍‌ଏସି ଅଧକ୍ଷ ଗିରିଜା ଶଙ୍କର ସାହୁଙ୍କ ଠାରେ ଅଭିଯୋଗ କରିଛନ୍ତି। ଏପରିକି ବାହାରୁ ଘରକୁ ଯିବାକୁ ହେଲେ ମଧ ବର୍ଷାଜଳରେ ପଶି ଯିବାକୁ ପଡୁଛି। ଫଳରେ ସ୍ଥାନୀୟ ବାସୀନ୍ଦାଙ୍କ ମଧରେ ଅସନ୍ତୋଷ ବୃଦ୍ଧି ପାଉଛି। ଏସମ୍ପର୍କରେ ସାହୁଙ୍କୁ ପଚାରିବାରୁ ଘଟଣାସ୍ଥଳକୁ କର୍ମଚାରୀଙ୍କୁ ପଠାଯାଇଛି। ତାଙ୍କ ରିପୋର୍ଟ ଆସିଲେ ତୁରନ୍ତ ଏଥିପ୍ରତି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ଅଧ୍ୟୟନ ଜାରି ରଖିଲେ ସୁ ନାଗରିକ ହୋଇପାରିବ

## ମାଟ୍ରିକରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ତାଳଚେର,୧୧।୭(ନି.ପ୍ର.)



ଅତିଥିମାନଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଛାତ୍ରୀମାନେ।

ତାଳଚେର ପୌରାଞ୍ଚଳରେ ଥିବା ହାଇସ୍କୁଲ, ବିଦ୍ୟାମନ୍ଦିରଗୁଡିକରେ ଚଳିତ ଦଶମ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ସଫଳତା ହାସଲ କରିଥିବା ୧୭ ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। 'ଆମ ପ୍ରତିଭା ଆମ ପରିଚୟ' ଦ୍ୱାରା ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗଦେଇ କହିଲେ ଯେ, ଶିକ୍ଷା ହେଉଛି ସମସ୍ତ ଛାତ୍ରୀଛାତ୍ରଙ୍କ ପାଇଁ ଅମୂଲ୍ୟ ସମ୍ପଦ। ଯେପରି ପରିଶ୍ରମ କରି ଆଜି ପିଲାମାନେ ସ୍କୁଲ ଓ ମାତାପିତାଙ୍କ ପାଇଁ ଗୌରବ ଆଣି ଦେଇଛନ୍ତି, ସେହିପରି ଅଧ୍ୟୟନ ଜାରି ରଖିଲେ ଦେଶର ଜଣେ ଜଣେ ସୁ ନାଗରିକ ହୋଇପାରିବ। ଏହି ସଫଳତା ହାସଲ ପାଇଁ ସମସ୍ତ ଛାତ୍ରୀଛାତ୍ରଙ୍କୁ ଏମ୍‌ପି ଅଭିନନ୍ଦନ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ ଯୋଗଦେଇ ପୌର ପରିଷଦର ଯୁବ ନଗରପାଳ ପବିତ୍ର ଭୁତିଆ ସମସ୍ତ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଥିଲେ। ଅନ୍ୟମାନଙ୍କ ମଧରେ ଅନୁଷ୍ଠାନର ସଭାପତି ରମେଶ ବେହେରା, ସାଧାରଣ ସମ୍ପାଦକ ଡ. ନିମାଇଁ ଚରଣ ପ୍ରଧାନ, ଡ. ରଶ୍ମିରଞ୍ଜନ ମିଶ୍ର, ତାଳଚେର ଶିକ୍ଷାଧିକାରୀ ଖଗେଶ୍ୱର ବେହେରା, କଣିହାଁ ପ୍ରତିଭା ପରିଚୟ ସଦସ୍ୟ ତଥା ଏମ୍‌ପିଙ୍କ ବ୍ୟକ୍ତିଗତ ସଚିବ ସୁନୀଲ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ତାଳଚେର ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ସର୍ବାଧିକ ୧୨ ଛାତ୍ରୀଛାତ୍ର, ଦେଉଳବେଡା ଶିଶୁବିଦ୍ୟାମନ୍ଦିରର ୩ଜଣ, ତାଳଚେର ବିବେକାନନ୍ଦ ବିଦ୍ୟାମନ୍ଦିରର ୨ଜଣ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ତପନ କୁମାର ମହାରଣା, ବାବୁନି ସ୍ୱାଇଁ ପରିଚାଳନା କରିଥିଲେ। ଆଦର୍ଶ ଶିକ୍ଷକ ତଥା ଏମ୍‌ପି ମହେଶ ସାହୁଙ୍କ ଗୁରୁ ଶମ୍ଭୁନାଥ ବେହେରାଙ୍କ ପରଲୋକ ଘଟିଥିବାରୁ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା।

# ପ୍ରାପ୍ୟ ପାଇଁ ପ୍ରଶାସନର ଦ୍ୱାରସ୍ଥ

ଆଠମଲ୍ଲିକ,୧୧।୭(ଡି.ଏନ.ଏ.)

ଆଠମଲ୍ଲିକ ବ୍ଲକ ଅଏଡା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ କମ୍ପୋଷ୍ଟ ଓ କୂଅ ନିର୍ମାଣ କରିଥିଲେ ହେଁ ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇ ନ ଥିବା ନେଇ କେତେଜଣ ଜବକାର୍ଡଧାରୀଙ୍କ ତରଫରୁ ସୋମବାର ଉପଜିଲାପାଳ ଲଳିତ ମୋହନ ବେହେରାଙ୍କ ନିକଟରେ ଅଭିଯୋଗ କରାଯାଇଛି। ଅଏଡା ଗ୍ରାମର ଦେବେନ୍ଦ୍ର ବେହେରାଙ୍କ ନାମରେ କମ୍ପୋଷ୍ଟ ନ କରି ତାଙ୍କ ନାମରେ ଟଙ୍କା ଉଠାଯାଇଥିବା ଲିଖିତ ଅଭିଯୋଗ କରାଯାଇଛି। ସେହିପରି ଝରିଆ ମୁଖି କୂପ ଖନନ କରି ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଭୁବୁନିପୁର ଗ୍ରାମର ସନ୍ତୋଷିନୀ ମିର୍ଦ୍ଧା, ସଞ୍ଜୁ ପ୍ରଧାନ, ବିପିନ ଘିବାଲା, ଯଶୋଦା ମିର୍ଦ୍ଧା ସମସ୍ତ କମ୍ପୋଷ୍ଟ ନିର୍ମାଣ କରିସାରିଥିଲେ ସୁଦ୍ଧା ବାକିଥିବା ପ୍ରାପ୍ୟ ପାଇ ନ ଥିବା ଅଭିଯୋଗ କରିଛନ୍ତି। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଚିତ୍ତରଞ୍ଜନ କର୍ଣ୍ଣ, ଜିଲା ପରିଷଦ ସଦସ୍ୟା ବବିତା କର୍ଣ୍ଣ ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଏହି ଅନୁସୂଚିତ ଜାତି ତଥା ଗରିବ ଜବକାର୍ଡଧାରୀଙ୍କ ବାକିଥିବା ଅର୍ଥ ଶୀଘ୍ର ପ୍ରଦାନ କରିବାକୁ ଦାବି କରିଛନ୍ତି।



ଉପଜିଲାପାଳଙ୍କ ନିକଟରେ ଜବ୍‌କାର୍ଡଧାରୀମାନେ ଅଭିଯୋଗ କରୁଛନ୍ତି।

# ୨୯ ଅଭିଯୋଗର ଶୁଣାଣି



ଜନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଅଧିକାରୀମାନେ।

ତାଳଚେର,୧୧।୭(ନି.ପ୍ର)

ତାଳଚେର ପଞ୍ଚାୟତ ସମିତି ସଭାଗୃହଠାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଏଥିରେ ଅଧକ୍ଷତା କରିଥିଲେ। ଦାଖଲ ହୋଇଥିବା ସମୁଦାୟ ୨୯ ଅଭିଯୋଗରୁ ୨୪ଟି ବ୍ୟକ୍ତିଗତ ଓ ୫ଟି ଗ୍ରାମ୍ୟ ଭିତ୍ତିକ ଅଭିଯୋଗ ରହିଥିଲା। ଉକ୍ତ ଅଭିଯୋଗର ଶୁଣାଣି କରି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଅତିରିକ୍ତ ଜିଲାପାଳ(ସାଧାରଣ) ରଜନୀକାନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ପ୍ରଧାନ, ତାଳଚେର ଉପଖଣ୍ଡ ପୋଲିସ ଅଧିକାରୀ ସ୍ୱାତୀ ଏସ୍ କୁମାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ରାମଚନ୍ଦ୍ର ନିର୍ଦ୍ୱନ୍ଦ୍ୱରେ ସଭାପତି ନିର୍ବାଚିତ

ଛେଣ୍ଡିପଦା,୧୧।୭(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ ପରଙ୍ଗ ସେବା ସମବାୟ ସମିତି ସଭାପତି ଭାବେ ରାମଚନ୍ଦ୍ର ସାମଲ ନିର୍ବାଚିତ ହୋଇଛନ୍ତି। ଚଳିତ ସମବାୟ ନିର୍ବାଚନରେ ପରଙ୍ଗ ସେବା ସମବାୟ ସମିତିର ୧୫ ନିର୍ଦ୍ଦେଶକଙ୍କ ମଧ୍ୟରୁ ୮ଜଣ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବେଳେ ୭ଜଣ ପ୍ରାର୍ଥୀ ନିର୍ବାଚନରେ ଜିତିଥିଲେ। ସେହିପରି ପରଙ୍ଗ ସମବାୟ ସମିତି ସଭାପତି ପଦବୀ ନିମନ୍ତ ନିର୍ଦ୍ଧାରିତ ସମୟରେ ରାମଚନ୍ଦ୍ର ସାମଲ ନାମାଙ୍କନ କରିଥିଲେ। ସେ ଏକମାତ୍ର ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନ ଅଧିକାରୀ ତାଙ୍କୁ ବିଜୟୀ ଘୋଷଣା କରିଥିଲେ। ରାମଚନ୍ଦ୍ର ଏହି ବିଜୟର ଶ୍ରେୟ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କୁ ଦେଇଛନ୍ତି। ଏଥିସହ ପରଙ୍ଗ ଗ୍ରାମର ପୂର୍ବତନ ସଭାପତି ଅନନ୍ତ ଚରଣ ବେହେରାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟିତ

ପାଲଲହଡା,୧୧।୭(ଡି.ଏନ.ଏ.)

ପାଲଲହଡା ବିଧାୟକ ମୁକେଶ ପାଲ ସୋମବାର ବିଭିନ୍ନ ଅଞ୍ଚଳର ଗସ୍ତ କରି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଛନ୍ତି। ପ୍ରଥମେ ବିଧାୟକ ପାଲଲହଡ଼ା ବ୍ଲକର ଈଶ୍ୱରନଗର ପଞ୍ଚାୟତ ଇଲିସୁଆଁ ଗ୍ରାମରେ ନୂତନ ଅଙ୍ଗନୱାଡ଼ି ଗୃହ ଉଦ୍‌ଘାଟନ କରିଥିଲେ। ପରେ କେରଜେଙ୍ଗା ଗ୍ରାମରେ ଅଙ୍ଗନୱାଡି ଘର ଏବଂ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ ଭାବେ ନିର୍ମିତ ମିଶନ ଶକ୍ତି ଗୃହ ଉଦ୍‌ଘାଟନ କରିଥିଲେ। ସେହିପରି ନିଜିଗଡ ପଞ୍ଚାୟତ ପାଟବଡା ଗ୍ରାମରେ ଅଙ୍ଗନୱାଡି ଘର ଏବଂ ପଞ୍ଚାୟତ କାର୍ଯ୍ୟାଳୟଠାରେ ମିଶନ ଶକ୍ତିଗୃହ ଶୁଭ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତି, ବିଡିଓ ଦିଲୀପ କୁମାର ବାରା, ବ୍ଲକ ଅଧକ୍ଷା ରୀନାରାଣି ନାଏକ, ନିଜିଗଡ଼ ସରପଞ୍ଚ ଶଶିଭୂଷଣ ଆଚାର୍ଯ୍ୟ, ଜିଲା ପରିଷଦ ସଦସ୍ୟା ସାବିତ୍ରୀ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

# ୨ ମାମଲାରେ ୪ ଅଭିଯୁକ୍ତ କୋର୍ଟ ଚାଲାଣ

ଭଦ୍ରକ ଅଫିସ, ୧୧।୭

ଭଦ୍ରକ ଗ୍ରାମାଞ୍ଚଳ ଥାନା ପୋଲିସ ଦୁଇଟି ମାମଲାରେ ୪ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ଏନେଇ ଡିୱାଇଏସ୍‌ପି, ଡିଆଇବି କମଳ ଲୋଚନ ଭୂୟାଁ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି। ପ୍ରକାଶ ଯେ, ଗତ ୬ ତାରିଖରେ ଏହି ଥାନା ଅଧୀନ ଗେଲପୁରସ୍ଥିତ ଶିରିଡ଼ିସାଇ ଇଟା ଫ୍ୟାକ୍ଟ୍ରିରୁ ଏଲ୍‌ଇଡି ଟିଭି ଚୋରି ନେଇ ମାଲିକ ଅସିତ୍ ପାଣିଗ୍ରାହୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ୯ ତାରିଖରେ ମାମଲା(ନଂ.୩୫୫/୨୨) ରୁଜୁ କରାଯାଇଥିଲା। ସିସିଟିଭି ଯାଞ୍ଚ କରି ପୋଲିସ ରବିବାର ରାତିରେ ଥାନା ଅଧୀନ ଗୁଖାପଡ଼ା ଗାଁର ବିନୟ କୁମାର ମଲ୍ଲିକଙ୍କ ଘରେ ଚଢ଼ାଉ କରି ତାଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ବିନୟ ଉକ୍ତ ଏଲ୍‌ଇଡି ଟିଭିକୁ ତାଙ୍କ ପୁତୁରାଙ୍କୁ ବିକ୍ରି କରିଥିବା ସ୍ୱୀକାର କରିବା ପରେ ପୋଲିସ ଟିଭି ଜବତ କରିଛି। ସେହିପରି ରବିବାର ରାତିରେ ପାଟ୍ରୋଲିଂ ବେଳେ ଗେଲପୁରସ୍ଥିତ ଏନ୍‌ସିସି ଅଫିସ ସାମ୍ନାରେ କିଛି ଲୋକ ପାଟିତୁଣ୍ଡ କରୁଥିବା ଦେଖି ଗ୍ରାମାଞ୍ଚଳ ପୋଲିସ ପହଞ୍ଚିଥିଲା। ଘଟଣା ବୁଝିବା ପରେ ପୋଲିସ ଜାଣିବାକୁ ପାଇଥିଲା ଯେ ୩ ଜଣ ଦୁର୍ବୃତ୍ତ ଜଣେ ଲୋକଙ୍କ ଘର ଗେଟ୍ ତାଲା ଭାଙ୍ଗି ଚୋରି କରିବାକୁ ପଶିଥିଲେ। ଘର ଲୋକ ଉଠିବାରୁ ସେମାନେ ଦୌଡ଼ି ପଳାଇ ଆସିବା ବେଳେ ଏନ୍‌ସିସି ଅଫିସ ସାମ୍ନାରେ ଲୋକେ ସେମାନଙ୍କୁ କାବୁ କରି ମାଡ଼ ମାରିଥିଲେ। ପରେ ପୋଲିସ ୩ ଜଣଙ୍କୁ ଥାନାକୁ ଆଣି ସେମାନଙ୍କଠାରୁ ୩ଟି ମୋବାଇଲ, ତାଲା ଭାଙ୍ଗିବା ପାଇଁ ବ୍ୟବହୃତ ୨ଟି ଲୁହାରଡ୍ ଓ ଗୋଟିଏ କଟୁରୀ ଜବତ କରିଥିଲା। ଏନେଇ ହାବିଲଦାର ଆଶିଷ କୁମାର ଜେନାଙ୍କ ଅଭିଯୋଗ କ୍ରମେ ମାମଲା(ନଂ.୩୬୦/୨୨) ରୁଜୁ କରି ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଏ ବିଷୟରେ ଅଧିକ ତଦନ୍ତ ପାଇଁ ପୋଲିସ ସେମାନଙ୍କ ନାମ ଗୋପନ ରଖିଛି।

# ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ଢେଙ୍କିକୋଟ, ୧୧।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍‌ହାଉସ ଅନ୍ତର୍ଗତ ରୁଟିଶିଳା ପଞ୍ଚାୟତ ବିଦ୍ୟାଧରପୁର ଗ୍ରାମରେ ବେକରେ ରଶି ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପୁରୁଷୋତ୍ତମ ନାଏକ। ପ୍ରକାଶ ଯେ, ଗତ ରବିବାର ରାତିରେ ଖାଇପିଇ ଶୋଇବା ପରେ ଗାଁକୁ ହାତୀ ପଶିଆସିଥିଲେ। ହାତୀଙ୍କୁ ଘଉଡ଼ାଇବା ପାଇଁ କହି ପୁରୁଷୋତ୍ତମ ଗ୍ରାମବାସୀଙ୍କ ସହ ଯାଇଥିଲେ। ରାତିରେ ଘରକୁ ଫେରି ଘର ବାରଣ୍ଡା ସଙ୍ଗାରେ ରଶି ଲଗାଇ ଝୁଲି ପଡିଥିଲେ। ସୋମବାର ସକାଳେ ବିଟ୍‌ହାଉସ ଅଧିକାରୀ ତରଣୀସେନ ବାଗ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଏନେଇ ଘଟଗାଁ ଥାନାରେ ଏକ ମାମଲା ଅପମୃତ୍ୟୁ ମାମଲା (ନଂ.୩୨/୨୨) ରୁଜୁ କରି ତଦନ୍ତ ଜାରି ରହିଛି। ମୃତ୍ୟୁର ସଠିକ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ।

# ଅନୁଗୋଳରେ ବଢୁଛି କରୋନା ସଂକ୍ରମଣ

ଅନୁଗୋଳ ଅଫିସ,୧୧।୭

ଅନୁଗୋଳ ଜିଲାରେ ପୁଣି ବଢୁଛି କରୋନା ସଂକ୍ରମଣ। ରାଜ୍ୟରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଅନୁଗୋଳ ଜିଲାରେ ଗତ ଜୁନ ୧୨ ତାରିଖରେ ମାତ୍ର ଜଣେ ସଂକ୍ରମିତ ଚିହ୍ନଟ ହୋଇଥିଲେ। ୨୨ ଜୁନରେ ଏହି ସଂଖ୍ୟା ୨ରେ ପହଞ୍ଚିଥିଲା। ହେଲେ ଜୁଲାଇ ୨ରେ ଜିଲାରେ କରୋନା ସଂଖ୍ୟା ଶୂନ ହୋଇଯାଇଥିଲା। ତେବେ ଗତ ୯ ତାରିଖରେ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୧ ତାରିଖ ସୁଦ୍ଧା ଏହି ସଂଖ୍ୟା ବୃଦ୍ଧି ପାଇ ୧୬ରେ ପହଞ୍ଚିଥିବା ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ତେବେ ଜିଲାରେ ହଠାତ ୧୬ ଜଣ ରୋଗୀ ଚିହ୍ନଟ ହେବା ପରେ ଲୋକଙ୍କୁ ସଚେତନ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି। ମୁଖ୍ୟତଃ ଭିଡ ଜାଗାକୁ ନ ଯିବାକୁ ଏବଂ ମାସ୍କ ପରିଧାନ କରିବାକୁ କୁହାଯାଇଛି।

# ହାଟପଡ଼ିଆରେ ୩୦ ଚାରା ରୋପଣ

କଣିହାଁ, ୧୧।୭(ଡି.ଏନ୍.ଏ.)

କଣିହାଁ ବ୍ଲକ ସମଲ ଥାନା କୁଲେଇ ପଞ୍ଚାୟତ ହାଟପଡ଼ିଆ ଓ ଶ୍ମଶାନ ଘାଟରେ ଶନିବାର ବିଜେଡି ପକ୍ଷରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସମଲ ସରପଞ୍ଚ ଜିତେନ୍ଦ୍ର କୁମାର ବେହେରା, କୁଲେଇ ସରପଞ୍ଚ ଜ୍ୟୋସ୍ନାମୟୀ ଗଡ଼ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଦୂଷଣ ସମସ୍ୟାର ନିରାକରଣ ପାଇଁ ଜଙ୍ଗଲ ସୃଷ୍ଟିର ଆବଶ୍ୟକତା ରହିଛି। ଗୋଟିଏ ବୃକ୍ଷ ଗୋଟିଏ ଜୀବନ ପାଇଁ ନିଃଶ୍ୱାସ ପ୍ରଶ୍ୱାସରେ ସହାୟତା କରିଥାଏ। ଏଥିପାଇଁ ଚାରାରୋପଣ କରିବା ଉଚିତ୍ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ୩୦ ଚାରା ରୋପଣ କରାଯାଇଥିଲା।



କୁଲେଇ ହାଟପଡ଼ିଆରେ ଚାରା ରୋପଣ କାର୍ଯ୍ୟକ୍ରମରେ ଉପସ୍ଥିତ ନେତୃବୃନ୍ଦ।

# କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା

କଣିହାଁ,୧୧।୭(ଡି.ଏନ.ଏ.)

କଣିହାଁ ବ୍ଲକ ସମଲ ବ୍ୟାରେଜ ସରକାରୀ ହାଇସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ଅତିଥି ଭାବେ ବ୍ଲକ ଅଧକ୍ଷ ରାମକୃଷ୍ଣ ପ୍ରଧାନ, ସରପଞ୍ଚ ଜିତେନ୍ଦ୍ର ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ପ୍ରମୁଖମାନେ ଯୋଗଦେଇଥିଲେ। ଅତିଥିମାନେ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟର ୫୮ ଜଣ ଛାତ୍ରୀଛାତ୍ର ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେମାନଙ୍କ ମଧରେ ଏ-୧ରେ ଜଣେ, ଏ-୨ରେ ୮, ବି-୧ରେ ୨୧, ବି-୨ରେ ୧୩, ସି-ରେ ୧୨, ଡି-ରେ ୨ ଓ ଇ-ରେ ଜଣେ ଛାତ୍ରୀଛାତ୍ର ରହିଛନ୍ତି। ବିଦ୍ୟାଳୟର ଶିକ୍ଷକ, କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।




କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୫୧ ଅଭିଯୋଗର ସମାଧାନ

ଢେଙ୍କାନାଳ ଅଫିସ, ୧୧।୭

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ପଞ୍ଜୀକୃତ ହୋଇଥିବା ୬୩ଟି ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୫୧ଟିର ତ୍ୱରିତ ସମାଧାନ କରାଯାଇଛି। ଏହି ଉପଲକ୍ଷେ ୪ଜଣ ରେଡ୍‌କ୍ରସ୍ ପାଣ୍ଠିରୁ ସହାୟତା ପାଇଁ ଆବେଦନ କରିଥିଲେ। ଏସ୍‌ପି ଲୋଗାନୟାଗୀ ଦିବ୍ୟା ଭି., ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁ, କଙ୍କଡ଼ାହାଡ଼ ବ୍ଲକ ଅଧକ୍ଷା ଚାରୁଲତା ମିଶ୍ର, ଉପାଧକ୍ଷା ଦୀପା ସାହୁ, ବିଡିଓ ବୁଲ୍‌ବୁଲ୍ ବେହେରା, ତହସିଲଦାର ରମେଶ ଚନ୍ଦ୍ର ଜେନା, ପିଜିସେଲ୍ ଅଧିକାରୀ ଲଳିତ ମୋହନ ଚୌଧୁରୀ, ଗୋପୀନାଥ ମହାଳିକ ପ୍ରମୁଖ ଉପସ୍ଥିତ ଥିଲେ।




ଜନଶୁଣାଣି ଶିବିରରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

## ସଂକ୍ଷେପରେ

### ସେପ୍ଟେମ୍ବର ୯ରୁ ଅଗ୍ନିପଥ ଯୋଜନାରେ ନିଯୁକ୍ତି ରାଲି

**ଢେଙ୍କାନାଳ ଅଫିସ, ୧୧।୭**

ସମ୍ବଲପୁର ଏୟାରଷ୍ଟ୍ରିପ୍‌ଠାରେ ସେପ୍ଟେମ୍ବର ୯ରୁ ୧୪ ଯାଏ ଅଗ୍ନିପଥ ଯୋଜନାରେ ସେନାରେ ନିଯୁକ୍ତି ପାଇଁ ରାଲି ଅନୁଷ୍ଠିତ ହେବ। ଅନୁଗୋଳ, ବରଗଡ଼, ବଲାଙ୍ଗୀର, ଢେଙ୍କାନାଳ, ଦେବଗଡ, ଝାରସୁଗୁଡା, କେନ୍ଦୁଝର, ସମ୍ବଲପୁର, ସୁବର୍ଣ୍ଣପୁର, ସୁନ୍ଦରଗଡ଼ ଜିଲାର ଆଶାୟୀଙ୍କୁ ଏଥିରେ ସୁଯୋଗ ମିଳିବ। ସାଙ୍ଗରେ ଶିକ୍ଷାଗତ୍ ଯୋଗ୍ୟତା ପ୍ରମାଣପତ୍ର ଏବଂ କୋଭିଡ୍ ସାର୍ଟିଫିକେଟ୍ ଆଣିବା ବାଧ୍ୟତାମୂଳକ କରାଯାଇଛି। ଜଏନ ଇଣ୍ଡିଆନ ଆର୍ମି ୱେବସାଇଟ୍ www.joinindianarmy.nic.inରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ଉପଲବ୍ଧ। ନିଯୁକ୍ତି ରାଲିରେ ଅଂଶଗ୍ରହଣ କରିବା ଲାଗି ଜୁଲାଇ ୫ରୁ ଅଗଷ୍ଟ ୩ ଯାଏ ପଞ୍ଜୀକରଣ କରିବାକୁ ପଡ଼ିବ। ପ୍ରାର୍ଥୀଙ୍କ ଆଡ୍‌ମିଟ୍ କାର୍ଡ ରେଜିଷ୍ଟର ଇ-ମେଲ୍ ଯୋଗେ ରାଲିର ୧୫ଦିନ ପୂର୍ବରୁ ପଠାଇଦିଆଯିବ ବୋଲି ସୂଚନା ଦିଆଯାଇଛି।

### ୧୫୫ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା



**ଢେଙ୍କାନାଳ ଅଫିସ, ୧୧।୭:** ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଡା. ବିଜୟ କୁମାର ସାମଲ, ଡା. ଦେବସ୍ମିତା ସାହୁ, ଷ୍ଟାଫ୍‌ନର୍ସ ବିଦାବତୀ ସାହୁଙ୍କ ତତ୍ତ୍ୱାବଧାନରେ ୧୫୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଛି। ୧୬ଜଣଙ୍କୁ ଅଧିକ ଚିକିତ୍ସା ପାଇଁ ଅନ୍ୟ ମେଡିକାଲକୁ ରେଫର କରାଯାଇଛି। ପ୍ରଧାନ ଶିକ୍ଷକ ହରିହର ସାହୁ, ଶିକ୍ଷକ ବିଜୟ ବରାଳ, ଅଜିତ ରାଉତ, ରବିନାରାୟଣ ବେହେରା, ଶିକ୍ଷୟିତ୍ରୀ ହିରଣ୍ମୟୀ ପଣ୍ଡା, ଶର୍ମିଷ୍ଠା ବେହେରା, ମଧୁସ୍ମିତା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ସଂଗ୍ରାମୀଙ୍କ ବିଷୟରେ ଆଲୋଚନା

**ଢେଙ୍କାନାଳ ଅଫିସ, ୧୧।୭**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶୋରିଷିଆପଦା ଆବାସିକ ସେବାଶ୍ରମରେ ଅଭିଭାବକ ଏବଂ ଶିକ୍ଷକ ସଂଘ ବୈଠକ ପ୍ରଧାନ ଶିକ୍ଷକ ମନୋଜ କୁମାର ମହାଲିକଙ୍କ ତତ୍ତ୍ୱାବଧାନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ପରିଷଦ ସଭାପତି ପ୍ରକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ପ୍ରଦୀପ ରାଉତ, ସମ୍ମାନିତ ଅତିଥି ଜିଲା ପରିଷଦ ସଭ୍ୟ ବିଭୂତି ଭୋଇ, ସମିତିସଭ୍ୟା ଦଶମା କାଲୁଣ୍ଡିଆ, ବିଦ୍ୟାଳୟ କମିଟି ଉପସଭାପତି ମାନି ହାନଗା, ଶିକ୍ଷାବିତ୍ ହରିହର ସାହୁ, ରାଘବ ମହାରଣା ପ୍ରମୁଖ ଯୋଗ ଦେଇଥିଲେ। ଉପସ୍ଥାନ ବୃଦ୍ଧି, ଅମୃତ ମହୋତ୍ସବ ପାଳନ, ବାଲ୍ୟବିବାହ ରୋକିବା, ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ, ଗୁଣାତ୍ମକ ଶିକ୍ଷା, ମାସ୍କ ପରିଧାନ ଆଦି ବିଷୟରେ ଆଲୋଚନା କରାଯାଇଥିଲା। ଶିକ୍ଷକ ନବକିଶୋର ବାରିକ, ନିରଞ୍ଜନ ନାୟକ, ତାରିଣୀ ପ୍ରକାଶ ପରିଡା, ନରେନ୍ଦ୍ର ଶୁଣ୍ଡି, ଶିକ୍ଷୟିତ୍ରୀ ସୁମିତ୍ରା ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ରନ୍ଧନ ଗ୍ୟାସ, ଦରବୃଦ୍ଧିର ପ୍ରତିବାଦ

**ଢେଙ୍କାନାଳ ଅଫିସ, ୧୧।୭**

ହୁ ହୁ ହୋଇ ବଢ଼ି ଚାଲିଥିବା ରନ୍ଧନ ଗ୍ୟାସ୍ ଦର ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟବୃଦ୍ଧିକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଛି ଢେଙ୍କାନାଳ ମହିଳା କଂଗ୍ରେସ। ଏହାର ପ୍ରତିବାଦରେ ସଭାନେତ୍ରୀ ସ୍ମିତାରାଣୀ ସାମଲଙ୍କ ନେତୃତ୍ୱରେ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

କେନ୍ଦ୍ରରେ ମୋଦି ସରକାର ରନ୍ଧନ ଗ୍ୟାସ୍ ଦର ବାରମ୍ବାର ବୃଦ୍ଧି କରି ଚାଲିଛନ୍ତି। ଅନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ଆକାଶ ଛୁଆଁ ହୋଇଛି। ଏହାର ପ୍ରଭାବ ସିଧାସଳଖ ରୋଷେଇ ଘର ଉପରେ ପଡୁଛି। ଆଗାମୀ ଦିନରେ ଭାରତରେ ଶ୍ରୀଲଙ୍କା ଭଳି ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁ ନାହିଁ। ସରକାରଙ୍କ ଉଜ୍ଜ୍ୱଳା ଯୋଜନା ଫେଲ୍ ମାରିଛି। ହିତାଧିକାରୀମାନେ ଗ୍ୟାସ୍ ସିଲିଣ୍ଡର ଭରିନପାରି ୧୦୦ ଟଙ୍କା କମିଶନ ରଖି ଗ୍ୟାସ୍ ବିତରକଙ୍କୁ ଛାଡ଼ି ଦେଉଛନ୍ତି। ସେମାନେ ଏହାକୁ କଳାବଜାରରେ ବିକ୍ରି କରୁଛନ୍ତି ବୋଲି ଦଳୀୟ କାର୍ଯ୍ୟକର୍ତ୍ତା ଅଭିଯୋଗ କରିଥିଲେ। ଏହି ଅବସରରେ ନରେନ୍ଦ୍ର ମୋଦିଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଆହ୍ୱାନକ୍ରମେ ସାରା ଓଡ଼ିଶାରେ ଏଭଳି ବିକ୍ଷୋଭ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଢେଙ୍କାନାଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ବିକ୍ଷୋଭ ସମାବେଶରେ ମ୍ୟୁନିସିପାଲିଟି, ବ୍ଲକ ଏବଂ ଏନ୍‌ଏସିର ମହିଳା ଯୋଗଦେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଏଆଇସିସି ସଭ୍ୟା ସୁଭାସିନୀ ମହାକୁଡ, ସମ୍‌ସିଦା ତାୟୁବ୍, ଟାଉନ୍ ମହିଳା କଂଗ୍ରେସ ସଭାନେତ୍ରୀ ଶିଳ୍ପୀଶ୍ରୀ ହରିଚନ୍ଦନ, ରୋମିନା ବେଗମ୍, ସଂଯୁକ୍ତା ପରିଡା, ସୁଜାତା ଖଟୁଆ, ଜିଲା କଂଗ୍ରେସ ସଭାପତି ସରୋଜ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ନିର୍ମଳ ମିଶ୍ର, ସୁନୀଲ୍ ଦାଶ, ପ୍ରେମଶଙ୍କର ମିଶ୍ର, ମଥୁରି ସାହୁ, ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।



ବିକ୍ଷୋଭରେ ସାମିଲ ହୋଇଥିବା କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ।

# ମାଛଚାଷରେ ଅଗ୍ରଣୀ ହେବାକୁ ଆହ୍ୱାନ

**ଢେଙ୍କାନାଳ ଅଫିସ, ୧୧।୭**

ଢେଙ୍କାନାଳ ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସୋମବାର ଜାତୀୟ ମତ୍ସ୍ୟଚାଷୀ ଦିବସ ପାଳିତ ହୋଇଯାଇଛି। ଜିଲା ମତ୍ସ୍ୟ ଅଧିକାରୀ ପ୍ରଦୀପ୍ତ କିଶୋର ଭୂୟାଁଙ୍କ ନେତୃତ୍ୱରେ ଜିଲାର ୮ ବ୍ଲକର ଅଗ୍ରଣୀ ଚାଷୀ ଓ ମହିଳାମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ମାଛଚାଷ ଏକ ଲାଭଜନକ ବ୍ୟବସାୟ। ଅଧିକରୁ ଅଧିକ ଚାଷୀ ମାଛଚାଷରେ ମନୋନିବେଶ କରି ଏ କ୍ଷେତ୍ରରେ ଅଗ୍ରଣୀ ହେବାକୁ ଜିଲା ମତ୍ସ୍ୟ ଅଧିକାରୀ ଆହ୍ୱାନ ଦେଇଛନ୍ତି। ଏହି ଉପଲକ୍ଷେ ଜିଲାର ସଫଳ ଚାଷୀ ଅଭିନାଶ ପଣ୍ଡା, କ୍ଷୀରୋଦ ସାମଲ, ଭୁବନ ବ୍ଲକ ଅରଖପାଳ ପଞ୍ଚାୟତର ଶକ୍ତି ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ମତ୍ସ୍ୟ ଅଧିକାରୀ ଶୋଭନ ସାମଲ, ଶରତ ଚନ୍ଦ୍ର ଜେନା, ହରିଶଙ୍କର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପୂର୍ଣ୍ଣଭଦ୍ରା ପାଳ ଧନ୍ୟବାଦ ଅର୍ପଣ କରିଥିଲେ।



ମତ୍ସ୍ୟ ବିଭାଗ ଅଧିକାରୀ ଚାଷୀଙ୍କ ମାର୍ଗଦର୍ଶନ କରାଉଛନ୍ତି।

# ସରିଲା ଅଧରପଣା, ଆଜି ନୀଳାଦ୍ରି ବିଜେ

**ଭୁବନ, ୧୧।୭(ଡି.ଏନ୍.ଏ.)**

- ବି-ବିଭୋର କଲା ଭଜନ ସନ୍ଧ୍ୟା
- ଶୃଙ୍ଖଳା ରକ୍ଷାକାରୀ ସମ୍ବର୍ଦ୍ଧିତ

ଢେଙ୍କାନାଳ ଜିଲା ଭୁବନରେ ଶ୍ରୀଜୀଉଙ୍କ ଅଧରପଣା ନୀତି ଆଡମ୍ବର ସହକାରେ ପାଳନ ହୋଇଛି। ମଙ୍ଗଳବାର ରଥାରୂଢ଼ ଶ୍ରୀଜୀଉ ରତ୍ନ ସିଂହାସନକୁ ବିଜେ କରିବେ। ନୀଳାଦ୍ରି ବିଜେ ନୀତି ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏହାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି।

ମହାପ୍ରଭୁଙ୍କ ବାହୁଡ଼ାଯାତ୍ରା ଏବଂ ସୁନାବେଶ ଉପଲକ୍ଷେ ରାଜ୍ୟର ଖ୍ୟାତନାମା କଣ୍ଠଶିଳ୍ପୀଙ୍କୁ ନେଇ ଭଜନସନ୍ଧ୍ୟା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ମନ୍ଦିର କମିଟି ସଭାପତି ତଥା ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିଥିଲେ। ବକ୍ତା ଭାବେ ମହିଳା କଲେଜ ଅଧ୍ୟକ୍ଷ ଦିଲୀପ ଦାସ ଉପସ୍ଥିତ ଥିଲେ। ଭୁବନ ଜଗନ୍ନାଥ ମନ୍ଦିର ଉନ୍ନତୀକରଣ ଲାଗି ବିବିଧ କାର୍ଯ୍ୟକ୍ରମ ହାତକୁ ନିଆଯିବ। ଏଥିଲାଗି ଦେବୋତ୍ତର ବିଭାଗ ଏବଂ ଏଣ୍ଡାଓମେଣ୍ଟ ବୋର୍ଡର ସହାୟତା ନିଆଯିବ ବୋଲି ମତପ୍ରକାଶ ପାଇଥିଲା। ମନ୍ଦିର ମୁଖ୍ୟ ପୁରୋଧା ତୁଷାରକାନ୍ତି ମିଶ୍ର, ଉପଦେଷ୍ଟା ଗୋପୀନାଥ, ସମ୍ପାଦକ ନିରଞ୍ଜନ ଗୁରୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିଥିବାରୁ ଥାନାଧିକାରୀ ସୌଭାଗ୍ୟ କୁମାର ସ୍ୱାଇଁ, ମୁଖ୍ୟ ଅଗ୍ନିକ ମନୋରଞ୍ଜନ ବିଶ୍ୱାଳ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ହୃଷୀକେଶ ଦାସ, ଜନସ୍ୱାସ୍ଥ୍ୟ ବିଭାଗ କନିଷ୍ଠ ଯନ୍ତ୍ରୀ ସୋନାଲି ନାଏକ, ସେବାୟତ ଦୁଷ୍ମନ୍ତ କୁମାର ପୃଷ୍ଟି, ମନ୍ଦିର ଘଣ୍ଟୁଆ ସେବାୟତ, ବ୍ରଜମୋହନ ଘଣ୍ଟୁଆ ସଂଘକୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ କର୍ମକର୍ତ୍ତା ପ୍ରଭାତ କୁମାର ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।



ମନ୍ଦିର କମିଟି ପକ୍ଷରୁ ଥାନାଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# 'ବରିଷ୍ଠ ନାଗରିକଙ୍କୁ ସୁବିଧା ଯୋଗାଅ'

**ଭୁବନ, ୧୧।୭(ଡି.ଏନ୍.ଏ.)**

ଭୁବନ ବୁଦ୍ଧେଶ୍ୱର ଶୈବପୀଠରେ ଶନିବାର ବରିଷ୍ଠ ନାଗରିକ ବିକାଶ ମଞ୍ଚ ଓ ବରିଷ୍ଠ ନାଗରିକ ଜନସ୍ୱାର୍ଥ ଟ୍ରଷ୍ଟର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ କର୍ମକର୍ତ୍ତା ରବୀନ୍ଦ୍ର କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅବସରପ୍ରାପ୍ତ ବିଚାରପତି ଦୁର୍ଗାପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ସମସ୍ୟା ସମାଧାନ କରି ସରକାରୀ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି କରିଥିଲେ।

ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ବରିଷ୍ଠ ନାଗରିକ ବିକାଶ ମଞ୍ଚ ଉପସଭାପତି ଯୋଗୀନାଥ ମହାନ୍ତି, ସଦସ୍ୟ ବାହାଦୁର ପାଟସାହାଣୀ, କୃଷକ ନେତା ବିପ୍ରବର ସାହୁ, ଅବସରପ୍ରାପ୍ତ ବେତାର ବିଭାଗ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଖଟୁଆ, ଭୁବନ ବରିଷ୍ଠ ନାଗରିକ ଜନସ୍ୱାର୍ଥ ଟ୍ରଷ୍ଟ ସଭାପତି ବ୍ରଜବନ୍ଧୁ ରାଉତ, ଆଇନଜୀବୀ ବାବୁଲି ସେଠୀ ପ୍ରମୁଖ ଭୁବନ ଅଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। କୋର୍ଟ ଛକଠାରୁ ନୀଳମାଧବ ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ, ଭୁବନ ଡାକ୍ତରଖାନାରେ ଖାଲି ପଡ଼ିଥିବା ପଦବୀ ପୂରଣ, କ୍ୱାର୍ଟର୍ସ ନିର୍ମାଣରେ ହୋଇଥିବା ଅନିୟମିତତାର ତଦନ୍ତ, ବରିଷ୍ଠ ନାଗରିକଙ୍କୁ ୧୫୦୦ ଟଙ୍କା ଭତ୍ତା ପ୍ରଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା ବରିଷ୍ଠ ନାଗରିକମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ। ବରିଷ୍ଠ ନାଗରିକ ଜନସ୍ୱାର୍ଥ ଟ୍ରଷ୍ଟ ମୁଖ୍ୟ ରଥ ସେଠୀ, ସମ୍ପାଦକ ଦୁର୍ଗାପ୍ରସାଦ ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ନିୟନ୍ତ୍ରିତ ଜନସଂଖ୍ୟା ପ୍ରଗତିରେ ସହାୟକ

**ଢେଙ୍କାନାଳ ଅଫିସ, ୧୧।୭**

- ଦୁଇ ସନ୍ତାନ ନୀତିକୁ ଗୁରୁତ୍ୱ ଦେବାକୁ ପଡ଼ିବ
- ଜନସଂଖ୍ୟା ସ୍ଥିର ରହିଲେ ବିକାଶ ତ୍ୱରାନ୍ୱିତ ହେବ

ଇଣ୍ଡିଆନ ଫେଡେରେଶନ ଅଫ୍ ୟୁନାଇଟେଡ୍ ନେଶନ୍ସ ଅସୋସିଏଶନ (ଆଇଏଫ୍‌ୟୁଏନ୍‌ଏ) ପକ୍ଷରୁ ଢେଙ୍କାନାଳ ରଥଗଡ଼ା କାର୍ଯ୍ୟାଳୟରେ ବିଶ୍ୱ ଜନସଂଖ୍ୟା ଦିବସ ସୋମବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ ଯୋଗଦେଇ କହିଲେ, ନିୟନ୍ତ୍ରିତ ଜନସଂଖ୍ୟା ପ୍ରଗତିରେ ସହାୟକ ହୋଇଥାଏ। ଭାରତ ଭଳି ବିଶାଳକାୟ ଦେଶରେ ପ୍ରମୁଖ ସମସ୍ୟା ମଧ୍ୟରୁ ଜନସଂଖ୍ୟା ବିସ୍ଫୋରଣ ଅନ୍ୟତମ। ଏଥିରୁ ମୁକୁଳିବାକୁ ହେଲେ ଉଭୟ ସରକାରୀ ଓ ବେସରକାରୀସ୍ତରରେ ଉଦ୍ୟମ ହେବା ଆବଶ୍ୟକ। ଏଥିସହ ତୃଣମୂଳସ୍ତରରେ ସଚେତନତା ସୃଷ୍ଟି, ଦୁଇସନ୍ତାନ ଥିବା ପରିବାରକୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ପ୍ରଦାନ, ପୁରୁଷ ବନ୍ଧ୍ୟାକରଣକୁ ପ୍ରୋତ୍ସାହନ ଦିଆଗଲେ ସୁଫଳ ମିଳିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୂର୍ବତନ ବିଚାରପତି ଭିକାରି ଚରଣ ରାଉତ କହିଲେ, ସବୁବର୍ଗର ଲୋକେ ଦୁଇ ସନ୍ତାନ ନୀତି ଉପରେ ଗୁରୁତ୍ୱ ଦେବା ଉଚିତ। ଏଥିସହ ନାବାଳିକା ବିବାହ ରୋକିବା ମଧ୍ୟ ଜରୁରୀ। ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବାହାଦୁର ପାଟସାହାଣୀ କହିଲେ, ଯେଉଁ ଦେଶରେ ଜନସଂଖ୍ୟା ନିୟନ୍ତ୍ରିତ, ସେଠାରେ ବିକାଶ ତ୍ୱରାନ୍ୱିତ ହୋଇପାରିଛି। ଜନମଙ୍ଗଳ କାର୍ଯ୍ୟ ପ୍ରତି ଫୋକସ୍ କରିବାକୁ ହେଲେ ଜନସଂଖ୍ୟାରେ ସ୍ଥିରତା ରହିବା ନିହାତି ଜରୁରୀ। ଏହାଦ୍ୱାରା ଅତିରିକ୍ତ ଖର୍ଚ୍ଚ ହ୍ରାସ ପାଇବ। ନିଯୁକ୍ତି ସମସ୍ୟାର ସମାଧାନ ଅନେକାଂଶରେ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ।

ସଙ୍ଗଠନର ରାଜ୍ୟ ଅଧ୍ୟକ୍ଷ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପରିବେଶବିତ୍ ଉପେନ୍ଦ୍ର ରାଉତ, ପ୍ରଫେସର କ୍ଷୀରୋଦ ନାୟକ, ଡ. ପ୍ରମୋଦ ନାୟକ, ପ୍ରଫେସର ଦିଲୀପ ନନ୍ଦ, ଡମ୍ବରୁଧର ପଣ୍ଡା, ସଙ୍ଗଠନର ମହାସଚିବ ଡ. ଦୀପାୟନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। 'ଦେଶ କୀ ବାତ୍ ସଙ୍ଗଠନ'ର ଆବାହକ ସରୋଜ ଶତପଥୀ ସ୍ୱାଗତ ଭାଷଣ ଏବଂ କାର୍ଯ୍ୟାଳୟ ସମ୍ପାଦକ ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଦେଇଥିଲେ।




ବିଶ୍ୱ ଜନସଂଖ୍ୟା ଦିବସରେ ଆଇଏଫ୍‌ୟୁଏନ୍‌ଏର ସଦସ୍ୟଙ୍କ ସମେତ ଅନ୍ୟମାନେ।

# ଟାଟା ଷ୍ଟିଲ୍ ପାଳିଲା ଆଜାଦୀ କା ଅମୃତ ମହୋତ୍ସବ




ଟାଟାଷ୍ଟିଲ୍ ପକ୍ଷରୁ ଅନୁଷ୍ଠିତ ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ଏକାଠି ହୋଇଥିବା ଛାତ୍ରୀଛାତ୍ର ଏବଂ କମ୍ପାନୀ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୧।୭**

ଢେଙ୍କାନାଳ ଜିଲା ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ଗତ ୪ତାରିଖରୁ ଆରମ୍ଭ ହୋଇଥିବା ଆଜାଦୀ କା ଅମୃତ ମହୋତ୍ସବ କାର୍ଯ୍ୟକ୍ରମ ୧୦ ତାରିଖରେ ଶେଷ ହୋଇଛି। ଏହି ଅବସରରେ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀ, କାରଖାନା ପାର୍ଶ୍ୱବର୍ତ୍ତୀ ଗ୍ରାମରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା ଅଧିବେଶନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଲିବେରେଣୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁରୁଣ୍ଟି ଏସ୍‌ଏସ୍‌ଏସ୍ ଉଚ୍ଚ ବିଦ୍ୟାଳୟ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁସୁପଙ୍ଗା ନୋଡାଲ ଉଚ୍ଚ ବିଦ୍ୟାଳୟର ୩୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ସ୍କୁଲ ପରିସରରେ ଚାରା ରୋପଣ କରିଥିଲେ। କମ୍ପାନୀର କର୍ପୋରେଟ ସାମାଜିକ ଦାୟିତ୍ୱ ଓ ପରିବେଶ ବିଭାଗ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାରଖାନାର କ୍ରୀଡ଼ା କମିଟି ପକ୍ଷରୁ କମ୍ପାନୀର ଆବାସିକ କଲୋନୀରେ ରହୁଥିବା ବାସିନ୍ଦାଙ୍କ ପାଇଁ ୱାକାଥନ୍ ଆୟୋଜନ କରାଯାଇଥିଲା। ଏଥିରେ ୧୦୦ରୁ ଊର୍ଦ୍ଧ୍ୱ କମ୍ପାନୀ କର୍ମଚାରୀଙ୍କ ସହ ସେମାନଙ୍କ ପରିବାର ସଦସ୍ୟ ଅଂଶଗ୍ରହଣ କରିଥିଲେ।

# ମେଡିକାଲ କ୍ୟାମ୍ପସରେ ଲାଗିଲା ଚାରା



ଚାରା ରୋପଣ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟମାନେ।

**ଢେଙ୍କାନାଳ ଅଫିସ, ୧୧।୭**

ବିଜେଡିର ୨୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟମନ୍ତ୍ରୀ ତଥା ଦଳୀୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ମହିଳା ବିଜେଡି ପକ୍ଷରୁ ଜିଲା ଚିକିତ୍ସାଳୟ ପ୍ରାଙ୍ଗଣରେ ଚାରା ରୋପଣ କରାଯାଇଛି। ବିଧାୟକ ସୁଧୀର କୁମାର ସାମଲ, ସିଡିଏମ୍‌ଓ ଡା. ଅଶୋକ ଦାଶ, ଏଡିଏମ୍‌ଓ ଡା. ଜୟକୃଷ୍ଣ ନାୟକ, ପୌର ଉପାଧ୍ୟକ୍ଷ ପ୍ରକାଶ ଚନ୍ଦ୍ର କୁଅଁର, ଜିଲା ମହିଳା ବିଜେଡି ସଭାନେତ୍ରୀ ସାଗରିକା ମିଶ୍ର, ରାଜ୍ୟ ଉପସଭାନେତ୍ରୀ ସାଇଶ୍ରୀ ପଟ୍ଟନାୟକ, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ରୁବି ବିଶ୍ୱାଳ, ଉପସଭାନେତ୍ରୀ ଉର୍ବଶୀ ମହାପାତ୍ର, ଜିଲା ସମ୍ପାଦିକା ତିଳୋତ୍ତମା ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ।

# ମନ୍ତ୍ରମୁଗ୍ଧ କଲା ମନଛୁଆଁ ଭଜନ

### ସରିଲା ବାହୁଡ଼ା ଭଜନ ସମାରୋହ

**ଢେଙ୍କାନାଳ ଅଫିସ, ୧୧।୭**

ବାହୁଡ଼ା ଯାତ୍ରା ଉପଲକ୍ଷେ ଢେଙ୍କାନାଳ ରଥଗଡ଼ାଠାରେ ଆୟୋଜିତ ୩୩ତମ ବାହୁଡ଼ା ଯାତ୍ରା ଭଜନ ସମାରୋହ ସୋମବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କଣ୍ଠଶିଳ୍ପୀଙ୍କ ମନଛୁଆଁ ଭଜନରେ ଶ୍ରୋତା ମନ୍ତ୍ରମୁଗ୍ଧ ହୋଇଥିବାବେଳେ କରତାଳିରେ କମ୍ପି ଉଠିଥିଲା ପରିବେଶ।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସେଠୀ ଯୋଗଦେଇ ଦୁଇଟି ଭଜନ ଗାଇଥିଲେ। ବିଶିଷ୍ଟ କଣ୍ଠଶିଳ୍ପୀ ସୁଧାକର ବଡ଼ ଠାକୁର ହେ..., ନରେନ୍ଦ୍ର ବେହେରା ଧନ୍ୟତୋର ବାଙ୍କ ଚାହାଣୀ... ଭଜନ ଗାଇ ସୃଷ୍ଟି କରିଥିଲେ ଭକ୍ତିମୟ ପରିବେଶ। କଣ୍ଠଶିଳ୍ପୀ ମାନସୀ ପାତ୍ର ମଧ୍ୟ ଜଗନ୍ନାଥ ଜଣାଣ ଗାଇ କରତାଳି ସାଉଁଟିଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀକାନ୍ତ ସାହୁ ସଂଯୋଜନା କରିଥିଲେ।



ଉଦ୍‌ଯାପନୀ ସନ୍ଧ୍ୟାରେ କଣ୍ଠଶିଳ୍ପୀଙ୍କ ଭଜନ ପରିବେଷଣ।

ସମ୍ମାନିତ ଅତିଥି ଭାବେ ଗଙ୍ଗାଧର ସାମଲ, ସାମାଜିକ କର୍ମୀ ବରଦାକାନ୍ତ ନନ୍ଦ, ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ, ଅନୁଷ୍ଠାନର ଉପଦେଷ୍ଟା ପ୍ରଦ୍ୟୁମ୍ନ ରଥ ଯୋଗ ଦେଇଥିଲେ। ସମ୍ପାଦକ ବିଶ୍ୱନାଥ ବେହେରା ବିବରଣୀ ପ୍ରଦାନ କରିଥିବାବେଳେ ଉପଦେଷ୍ଟା ସୁକାନ୍ତ ମିଶ୍ର, ସତ୍ୟସ୍ୱରୂପ ଦାସ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ମୃଷି ବାରିକ, ଅଭୟ ସାହୁ, ଅରବିନ୍ଦ ସାହୁ, ଦେବାଶିଷ ମିଶ୍ର, ବିନୋଦ ମହାନ୍ତି, ନୃସିଂହ ବେହେରା, ବାବୁଲ ଦାସ ପ୍ରମୁଖ ଅନୁଷ୍ଠାନର ବହୁ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ରତ୍ନବେଦିରେ ଶ୍ରୀଜୀଉ

**ଢେଙ୍କାନାଳ ଅଫିସ, ୧୧।୭**

ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି ଢେଙ୍କାନାଳର ଐତିହାସିକ ରଥଯାତ୍ରା। ସୋମବାର ରାତି ପ୍ରାୟ ୧୦ଟାରେ ରଥାରୂଢ଼ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀବଳରାମ ମନ୍ଦିର ପରିସରରେ ଥିବା ରତ୍ନବେଦୀକୁ ବିଜେ କରିଛନ୍ତି। ସେହିପରି ସାନ ରଥରେ ବିରାଜମାନ କରିଥିବା ଠାକୁରମାନେ ରାଜବାଟୀକୁ ଫେରିଛନ୍ତି। ସହରର ସହସ୍ରାଧିକ ଶ୍ରଦ୍ଧାଳୁ ଏହି ଦୁର୍ଲଭ ମୁହୂର୍ତ୍ତର ସାକ୍ଷୀ ରହିଥିଲେ।

ସକାଳେ ରଥ ଉପରେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସରିବା ପରେ ସନ୍ଧ୍ୟାରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥିଲା। ଏହାପରେ ଠାକୁରଙ୍କୁ ପହଣ୍ଡି କରି ଅଣାଯାଇଥିଲା। ଘଣ୍ଟ, ଶଙ୍ଖ ନାଦରେ ପରିବେଶ ମୁଖରିତ ହୋଇଉଠିଥିଲା। ଏହି ଉପଲକ୍ଷେ ପରମ୍ପରା ଅନୁଯାୟୀ ଲକ୍ଷ୍ମୀ-ନାରାୟଣଙ୍କ କଳି ହୋଇଥିଲା, ଯାହାକୁ ସେବାୟତମାନେ ପ୍ରତୀକାତ୍ମକ ଭାବେ କରିଥିଲେ। ରସଗୋଲା ଖୁଆଇ ମହାପ୍ରଭୁ ମା' ଲକ୍ଷ୍ମୀଙ୍କ ମାନଭଞ୍ଜନ ପରେ ମନ୍ଦିରରେ ପ୍ରବେଶ ପାଇଁ ଅନୁମତି ମିଳିଥିଲା। ମଙ୍ଗଳାର୍ପଣ, ପଞ୍ଚାମୃତ ସ୍ନାନ ପରେ ଠାକୁର ରତ୍ନ ସିଂହାସନକୁ ବିଜେ କରିଥିବା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ ସୂଚନା ଦେଇଛନ୍ତି।



ଠାକୁରଙ୍କୁ ପହଣ୍ଡି କରି ରତ୍ନ ସିଂହାସନକୁ ନିଆଯାଉଛି।

